# NATIONAL NEWS BULLETIN (ODIA)
## 11 November - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ସହ ଆସନ୍ତା ବୁଧବାର ଦିନ ହେବାକୁ ଥିବା ଉପନିର୍ବାଚନ ପାଇଁ ଶେଷ ହେଲା ପ୍ରଚାର
- ଅଗ୍ନିଶମ ସେବାର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ଲକ୍ଷ୍ୟରେ ଛତିଶଗଡ଼, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ପାଇଁ ତିନୋଟି ପ୍ରକଳ୍ପକୁ ମିଳିଲା ଅନୁମୋଦନ
- ପ୍ରଦୂଷଣ ରୋକିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବାକୁ ଦିଲ୍ଲୀ ପୁଲିସ କମିଶନରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ
- ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ପ୍ରତିପକ୍ଷ ଭ୍ଲାଦିମିର ପୁଟିନ୍‌ଙ୍କ ମଧ୍ୟରେ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ସଂକ୍ରାନ୍ତ ଖବରକୁ ଖଣ୍ଡନ କଲା ରୁଷ୍ ।

ଏବଂ

- ମହିଳା ଏସିଆନ୍ ଚାମ୍ପିଅନସିପ୍ ହକି ପ୍ରତିଯୋଗିତାରେ ମାଲେସିଆକୁ ୪-୦ ଗୋଲ୍‌ରେ ପରାସ୍ତ କଲା ଭାରତ।

## ଝାଡ଼ଖଣ୍ଡ ନିର୍ବାଚନ

ଝାଡ଼ଖଣ୍ଡ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆଜି ଶେଷ ହୋଇଛି। ଆସନ୍ତା ୧୩ ତାରିଖରେ ୪୩ଟି ନିର୍ବାଚନ ମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ। ପ୍ରଚାରର ଆଜି ଶେଷ ଦିନରେ ଏନ୍.ଡି.ଏ ଏବଂ ଇଣ୍ଡି ମେଣ୍ଟର ଷ୍ଟାର୍ ପ୍ରଚାରକ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି।

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି 'ମେରା ବୁଥ୍ ସବ୍‌ସେ ମଜଭୁତ' ଅଭିଯାନ ଅଧୀନରେ ଝାଡ଼ଖଣ୍ଡର ଦଳୀୟ କର୍ମୀଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ଝାଡ଼ଖଣ୍ଡର ଦ୍ରୁତ ବିକାଶ ପାଇଁ ଡବଲ୍ ଇଞ୍ଜିନ ସରକାରର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଝାଡ଼ଖଣ୍ଡ ଜଙ୍ଗଲ ଏବଂ ଖଣିଜ ସମ୍ପଦରେ ସମୃଦ୍ଧ ହୋଇଥିଲେ ମଧ୍ୟ ସୁଦ୍ଧା ରାଜ୍ୟରେ ବିକାଶର ଅଭାବ ରହିଛି ଏବଂ ବେକାରୀ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଜେଏମ୍‌ଏମ୍, କଂଗ୍ରେସ ଓ ଆର୍‌ଜେଡି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାକୁ କାର୍ଯ୍ୟରେ ରୂପାନ୍ତରିତ କରିପାରିନାହାଁନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ଜେଏମ୍ଏମ୍ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏନ୍ଡିଏ ଶାସନ ଅମଳରେ ଝାଡ଼ଖଣ୍ଡର ସ୍ୱାର୍ଥକୁ ଅଣଦେଖା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ପାଲାମୁସ୍ଥିତ ହୁସେନାବାଦର ଏକ ନିର୍ବାଚନ ସଭାକୁ ସମ୍ବୋଧନ କରି ଶ୍ରୀ ସୋରେନ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି।

ଆସନ୍ତା ବୁଧବାର ଦିନ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପୋଲିଂ ପାର୍ଟି ଆଜିଠାରୁ ଭୋଟ୍ ଗ୍ରହଣ କେନ୍ଦ୍ରକୁ ଯାତ୍ରା ଆରମ୍ଭ କରିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର କହିଛନ୍ତି ୫ଟି ଜିଲ୍ଲାର ୨୨୫ଟି ଭୋଟ୍ ଗ୍ରହଣ କେନ୍ଦ୍ରକୁ ଆଜିଠାରୁ କର୍ମଚାରୀମାନଙ୍କୁ ପଠାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି ପଶ୍ଚିମ ସିଂହଭୂମ, ଲାଟେହାର, ଲୋହାରଡାଗା, ଗଡ଼ୱା ଏବଂ ଗୁମ୍ଲା । ଏହି ସବୁ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକ ସମ୍ବେଦନଶୀଳ ବୋଲି ଜଣାପଡ଼ିଛି । ଶ୍ରୀ କୁମାର କହିଛନ୍ତି, ବାୟୁସେନା ହେଲିକପ୍ଟର ମାଧ୍ୟମରେ ପୋଲିଂ ପାର୍ଟିକୁ ନେବାଆଣିବା କରାଯିବ। ସେ କହିଛନ୍ତି, ଆସନ୍ତାକାଲି ଅନ୍ୟ ସମସ୍ତ ଭୋଟ୍ ଗ୍ରହଣ କେନ୍ଦ୍ରକୁ କର୍ମଚାରୀମାନଙ୍କୁ ପଠାଯିବ ।

## ବାଇପୋଲ୍ସ କ୍ୟାମ୍ପେନ୍

୧୧ଟି ରାଜ୍ୟ ଏବଂ ୩୩ଟି ବିଧାନସଭା ଆସନ ଓ କେରଳର ୱାୟନାଡ଼ ଲୋକସଭା ଆସନ ଉପ ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ

ହୋଇଛି। ଆସନ୍ତା ବୁଧବାର ଦିନ ସେଠାରେ ମତଗ୍ରହଣ କରାଯିବ। ସେଥିମଧ୍ୟରେ ରାଜସ୍ଥାନର ୭ଟି, ପଶ୍ଚିମବଙ୍ଗର ୬, ଆସାମର ୫, ବିହାରର ୪, କର୍ଣ୍ଣାଟକର ୩, ମଧ୍ୟପ୍ରଦେଶ ଏବଂ ସିକ୍କିମର ୨ଟି ଲେଖାଏଁ ଆସନ ରହିଛି। ଏହା ବ୍ୟତୀତ କେରଳ, ଛତିଶଗଡ଼, ଗୁଜୁରାଟ ଓ ମେଘାଳୟର ଗୋଟିଏ ଲେଖାଏଁ ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ।

ମହାରାଷ୍ଟ୍ରର ନାନ୍ଦେଡ଼ ସଂସଦୀୟ କ୍ଷେତ୍ର ସମେତ ୧୫ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୦ ତାରିଖରେ ମତ ନିଆଯିବ। ସେଥିମଧ୍ୟରେ ଉତ୍ତର ପ୍ରଦେଶର ୯, ପଞ୍ଜାବର ୪, କେରଳ ଏବଂ ଉତ୍ତରାଖଣ୍ଡର ଗୋଟିଏ ଲେଖାଏଁ ଆସନ ପାଇଁ ଭୋଟ୍‌ଗ୍ରହଣ କରାଯିବ। ଆସନ୍ତା ୨୩ ତାରିଖରେ ସମସ୍ତ ପର୍ଯ୍ୟାୟ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ।

## ସିଜେଆଇ-ଓଥ୍

ସୁପ୍ରିମକୋର୍ଟର ୫୧ତମ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ସଞ୍ଜୀବ ଖାନ୍ନା ଆଜି ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଖାନ୍ନାଙ୍କୁ ଶପଥପାଠ କରାଇଛନ୍ତି । ଏହି ସମାରୋହରେ ଉପରାଷ୍ଟ୍ରପତି

ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀଗଣ ଏବଂ ସୁପ୍ରିମକୋର୍ଟର ବିଚାରପତିମାନେ ଉପସ୍ଥିତ ଥିଲେ ।

୨୦୧୯ ମସିହାରେ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ଖାନ୍ନା ପ୍ରଧାନବିଚାରପତି ଭାବେ ୬ ମାସ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜଷ୍ଟିସ ଖାନ୍ନାଙ୍କୁ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

## ଅମିତ ଶାହା– ପ୍ରୋଜେକ୍ଟସ

ଛତିଶଗଡ଼, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ଅଗ୍ନିଶମ ସେବାର ସମ୍ପ୍ରସାରଣ ଓ ଆଧୁନିକୀକରଣ ଲକ୍ଷ୍ୟରେ ଆଜି ତିନୋଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ୭୨୬ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରତିଷ୍ଠିତ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଛତିଶଗଡ଼ ପାଇଁ ପ୍ରାୟ ୧୪୮ କୋଟି ଟଙ୍କା, ଓଡ଼ିଶା ପାଇଁ ୨୦୧ କୋଟି ଏବଂ ପଶ୍ଚିମବଙ୍ଗ ପାଇଁ ପାଖାପାଖି ୩୭୭ କୋଟି ଟଙ୍କା ମଞ୍ଜୁର କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଅଧୀନରେ ସରକାର ବିଭିନ୍ନ କ୍ଷେତ୍ର ପାଇଁ ମୋଟ୍ ୫ ହଜାର କୋଟି ଟଙ୍କା ଆବଣ୍ଟନ କରିଛନ୍ତି । ସେଥିମଧ୍ୟରୁ ୨ହଜାର ୫୪୨ କୋଟି ଟଙ୍କାରୁ ଅଧିକ ବ୍ୟୟଅଟକଳରେ ୧୫ଟି ରାଜ୍ୟର ବିଭିନ୍ନ

ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଦେଶରେ ବିପର୍ଯ୍ୟୟର ପ୍ରଭାବଶାଳୀ ପରିଚାଳନାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂଚନା ଦେଇଛି।

## ଏସ୍‌ସି-ପଲ୍ୟୁସନ୍

ସ୍ୱାସ୍ଥ୍ୟ ଅଧିକାର ନାଗରିକଙ୍କ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଦିଲ୍ଲୀରେ ପ୍ରଦୂଷଣ ସଂକ୍ରାନ୍ତ ଏକ ମାମଲାର ଶୁଣାଣି ଅବସରରେ ଜଷ୍ଟିସ ଅଭୟ ଏସ୍ ଓକା ଏବଂ ଜଷ୍ଟିସ ଅଗଷ୍ଟିନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି, କୌଣସି ଧର୍ମ ପ୍ରଦୂଷଣକୁ ପ୍ରୋତ୍ସାହିତ କରେ ନାହିଁ। ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତ୍ୟେକ ନାଗରିକ ପ୍ରଦୂଷଣମୁକ୍ତ ପରିବେଶରେ ରହିବାର ଅଧିକାର ରହିଛି। ଦୀପାବଳୀ ସମୟରେ ଦିଲ୍ଲୀରେ ବାଣ ନିଷେଧକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ନେଇ କର୍ତ୍ତୃପକ୍ଷଙ୍କୁ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏ ଦିଗରେ ତୁରନ୍ତ ପ୍ରଭାବଶାଳୀ ପଦକ୍ଷେପ ନେବା ସହ ଏକ ସ୍ୱତନ୍ତ୍ର ସେଲ୍ ଗଠନ କରିବାକୁ ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାରେ ଗତ ସପ୍ତାହରେ ସୁପ୍ରିମକୋର୍ଟ ଦିଲ୍ଲୀ ସରକାର ଏବଂ ପୁଲିସକୁ ନୋଟିସ ଜାରି କରିଥିଲେ।

## ଟ୍ରମ୍ପ-ପୁଟିନ୍ କଲ୍ ଡିନାଏଡ୍

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମଧ୍ୟରେ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ସଂକ୍ରାନ୍ତ ଖବରକୁ ରୁଷ୍ ଖଣ୍ଡନ କରିଛି । ମସ୍କୋରେ ଗଣମାଧ୍ୟମକୁ ଆଜି ସୂଚନା ଦେଇ କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସ୍କୋଭ୍ କହିଛନ୍ତି, ଦୁଇ ନେତାଙ୍କ ମଧ୍ୟରେ ଏଭଳି କୌଣସି କଥାବାର୍ତ୍ତା ହୋଇନାହିଁ । ଏ ସଂକ୍ରାନ୍ତ ସମସ୍ତ ଖବର ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ ସ୍ପଷ୍ଟ କରିଛନ୍ତି ।

ସୂଚନାଯୋଗ୍ୟ, ନବନିର୍ବାଚିତ ରାଷ୍ଟ୍ରପତି ଟ୍ରମ୍ପ ଏବଂ ରୁଷ୍ ପ୍ରତିପକ୍ଷ ପୁଟିନ୍‌ଙ୍କ ମଧ୍ୟରେ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ୟୁକ୍ରେନ୍ ସହ ଚାଲିଥିବା ସଂଘର୍ଷକୁ ଅଧିକ ତୀବ୍ର ନ କରିବା ପାଇଁ ରାଷ୍ଟ୍ରପତି ପୁଟିନଙ୍କୁ ଶ୍ରୀ ଟ୍ରମ୍ପ ଅନୁରୋଧ କରିଥିଲେ ବୋଲି ଏହି ଗଣମାଧ୍ୟମ ଖବରରେ ଉଲ୍ଲେଖ ରହିଥିଲା ।

## ଜାପାନ୍-କ୍ୟାବିନେଟ୍

ଜାପାନ୍‌ର ପ୍ରଧାନମନ୍ତ୍ରୀ ଭାବେ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି ଏଲ୍.ଡି.ପି.ର ନେତା ଶିଗେରୁ ଇଶିବା ପୁନଃ ନିର୍ବାଚିତ ହୋଇଛନ୍ତି । ଉଭୟ ସଦନରେ ଶ୍ରୀ ଇଶିବା ସର୍ବାଧିକ ଭୋଟ୍ ପାଇଛନ୍ତି । ଡାଇଟ୍ ନାମରେ ପରିଚିତ ଜାପାନ୍ ସଂସଦରେ ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ଚୟନ ପାଇଁ

ଏକ ସ୍ୱତନ୍ତ୍ର ଅଧିବେଶନ ବସିଥିଲା। ଏଲ୍.ଡି.ପି. ଏବଂ କାମେଇଟୋର ଶାସକ ମେଣ୍ଟ ପ୍ରାର୍ଥୀ ପ୍ରଧାନମନ୍ତ୍ରୀ ଇଶିବା ଏବଂ ପ୍ରମୁଖ ବିରୋଧୀ ସାମ୍ବିଧାନିକ ଗଣତାନ୍ତ୍ରିକ ପାର୍ଟି ନେତା ୟୋସିହିକୋ ନୋଡାଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପ୍ରତିନିଧି ସଭାରେ ହୋଇଥିବା ମତଦାନରେ ୬୭ ବର୍ଷୀୟ ଇଶିବା ୨୨୧ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଛନ୍ତି। ଶ୍ରୀ ଇଶିବା ଜାପାନ୍‌ର ୧୦୩ ତମ ପ୍ରଧାନମନ୍ତ୍ରୀ ହେବେ।

## ମଷ୍ଟ-ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ। ଆଜିର ବିଷୟ ବସ୍ତୁ ରହିଛି **'ବାୟୁ ପ୍ରଦୂଷଣ, ଏହାର ପ୍ରଭାବ ଓ ସମାଧାନ'।** ସଫ୍‌ଦରଜଙ୍ଗ ହସ୍ପିଟାଲର ପ୍ରଫେସର ଡାକ୍ତର ନିରଜ ଗୁପ୍ତା ଏବଂ ବରିଷ୍ଠ ପରିବେଶବିତ୍ ମୁକୁଲ ସାନଓ୍ୱାଲ ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୋତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ।

ଏଥିରେ ଅଂଶଗ୍ରହଣ କରିବା ପାଇଁ ଶ୍ରୋତାମାନେ ଆଜି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର 011- 23421050 ଓ 011-23314444 କୁ ଡାଏଲ୍ କରି ବାୟୁ ପ୍ରଦୂଷଣ ସମ୍ପର୍କିତ ପ୍ରଶ୍ନ ପଚାରିପାରିବେ।

ଏହାଛଡ଼ା ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର 9289094044 ମାଧ୍ୟମରେ ଏବଂ  ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ **ଆସ୍କ–ଏୟାର** ହ୍ୟାସଟ୍ୟାଗ୍ ସହ ନିଜ ପ୍ରଶ୍ନ ପୋଷ୍ଟ କରିପାରିବେ।

## ବିଜେପି-ଇସିଆଇ ମିଟ୍

ମହାରାଷ୍ଟ୍ର ନିର୍ବାଚନରେ ମିଥ୍ୟା ପ୍ରଚାର ଅଭିଯୋଗ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଛି। ଦଳର ବରିଷ୍ଠ ନେତା ଅର୍ଜୁନରାମ ମେଘୱାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଏହି ଦାବି ଉପସ୍ଥାପନ କରିଛନ୍ତି। ଗତ ସପ୍ତାହରେ ମୁମ୍ବାଇରେ ଏକ ନିର୍ବାଚନୀ ର୍‍ୟାଲୀକୁ ସମ୍ବୋଧନ କରିବା ସମୟରେ କଂଗ୍ରେସ ନେତା ଶ୍ରୀ ଗାନ୍ଧୀ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ କରିଛନ୍ତି ବୋଲି ବିଜେପି ଅଭିଯାଗ କରିଛି। ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମେଘୱାଲ କହିଛନ୍ତି, କଂଗ୍ରେସ ନେତାଙ୍କ ବିରୋଧରେ ଏତଲା ଦାଖଲ କରିବାକୁ ବିଜେପି ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛି।

## ୱିମେନ୍ସ ହକି

ଏସିଆନ୍ ହକି ଚାମ୍ପିଅନସିପ୍ ଟ୍ରଫି-୨୦୨୪କୁ ଆଜି ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଉଦ୍‌ଘାଟନ

କରିଛନ୍ତି। ରାଜଗିର୍‌ର ନବନିର୍ମିତ ହକି ଷ୍ଟାଡିୟମ୍‌ଠାରେ ଶ୍ରୀ କୁମାର ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିବା ସହ ଅଂଶଗ୍ରହଣ କରୁଥିବା ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।  ବିହାରରେ ପ୍ରଥମଥର ପାଇଁ ଏହି ଆନ୍ତର୍ଜାତିକ କ୍ରୀଡ଼ା ଆୟୋଜିତ ହୋଇଛି।  ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସମେତ ୬ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ଅନ୍ୟ ଦେଶଗୁଡ଼ିକ ହେଉଛି ଚୀନ, ଜାପାନ, ମାଲେସିଆ, ଥାଇଲାଣ୍ଡ ଏବଂ କୋରିଆ ।

ଟୁର୍ଣ୍ଣାମେଣ୍ଟର ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଜାପାନ୍ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ଖେଳ ଅମୀମାଂସିତ ଭାବେ ଶେଷ ହୋଇଛି। ଉଭୟ ଦଳ ପରସ୍ପରକୁ ଦୁଇଟି ଲେଖାଏଁ ଗୋଲ୍ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଚୀନ୍ ଥାଇଲାଣ୍ଡକୁ ୧୫-୦ ଗୋଲ୍‌ରେ ପରାସ୍ତ କରିଛି। ତୃତୀୟ ମ୍ୟାଚ୍‌ରେ ଭାରତ' ମାଲେସିଆକୁ ୪-୦ ଗୋଲ୍‌ରେ ପରାସ୍ତ କରିଛି।